# Akashvani, Sambalpur

## SAMBALPURI NEWS EVENING BULLETIN

## 6 December 2025- 7.02 pm- 7.12 pm.

*******************************************

୧- ରାଜ୍ୟ କେବିନେଟ୍‌ର ବୈଠକ୍‌ଥି ୫ ଟା ବିଭାଗ୍‌ର ୬ ଟା ପ୍ରସ୍ତାବ୍‌କେ ମିଲିଛେ ମଞ୍ଜୁରୀ- ବିଧାନ୍‌ସଭା ନ ସୂଚ୍‌ନା ଦେଲେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ।

୨- ପୁରୀ ନ ଉଦ୍‌ଘାଟିତ୍ ହେଲା ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଲନୀ- ୨୦୨୫ ।

- ଓଡ଼ିଶା ୨୦୩୬ ମସିହାତକ୍ ସବୁଜ ଶକ୍ତିର୍ କେନ୍ଦ୍ରସ୍ଥଲ୍ ହେବା କହେଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ନ ଆଏଜ୍‌ଠାନୁ ମୁଲ୍ ହେଲା ୭ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ।

ଆଉର୍

୪- ଶ୍ରାଦ୍ଧ ଦିବସ୍ ଅବ୍‌ସରେ ମହାନ୍ ବିପ୍ଲବୀ ଶହୀଦ୍ ଜୟୀ ରାଜ୍‌ଗୁରୁଙ୍କୁ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

ରାଜ୍ୟ କେବିନେଟ          ଭୁବ୍‌ନେଶ୍ୱର ସମ୍ବାଦଦାତା

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କେବିନେଟ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍, ସ୍ୱାସ୍ଥ୍ୟ, ଆଇନ୍, ବୟନଶିଳ୍ପ, ଆଉ ଉଚ୍ଚଶିକ୍ଷା ବିଭାଗ୍‌ର ୬ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ ବଲି ବିଧାନ୍‌ସଭା ନ ଆଏଜ୍ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ । ପ୍ରମୁଖ ନିଷ୍ପତି ଭିତ୍‌ରେ ମୁଖ୍ୟମନ୍ତ୍ରୀ ରେଶମ୍ ବିକାଶ୍ ଯୋଜ୍‌ନା, ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ୍ ଯୋଜ୍‌ନାକେ ରାଜ୍ୟ ସର୍‌କାର୍ ନୂଆଁକରି ମୁଲ୍ କରିଛନ୍ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ପୁରୀ ଗ୍ଲୋବାଲ୍ ସମିଟ୍          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ୨୦୩୬ ମସିହାତକ୍ ସବୁଜ ଶକ୍ତିର୍ କେନ୍ଦ୍ରସ୍ଥଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ ନ ହେଇଥିବା ସ୍ୱଚ୍ଛ ଇନ୍ଧନ କ୍ଷେତ୍ରଥି ଭାରତ୍‌ର କାର୍ଯ୍ୟପନ୍ଥା ଆଉ ଅଗ୍ରଣୀ ଭୂମିକା ବିଷୟବସ୍ତୁ ଉପ୍‌ରେ ଆଧାରିତ୍ ବୈଶ୍ୱିକ୍ ଶକ୍ତି ନେତୃତ୍ୱ ସମ୍ମିଲନୀ -୨୦୨୫କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଶକ୍ତି ଯୋଗାଣ ଶୃଙ୍ଖଳକେ ବର୍‌କସ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ।

ଜୀବାସ୍ମ ଇନ୍ଧନ୍, ଶକ୍ତି ଉତ୍ପାଦନ୍ ଆଉ ବେଭାର୍ କମ୍ କର୍ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଶକ୍ତିକ୍ଷେତ୍ରଥି ଓଡ଼ିଶା ନିଜର୍ ଭବିଷ୍ୟତ୍ ପିଢ଼ି ଉପ୍ରେ ବିନିଯୋଗ୍ କରୁଛେ । ୨୦୭୦ ମସିହାତକ୍ ଓଡ଼ିଶା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ୍ କର୍ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମ୍ମିଲନୀଥି କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ ଯୋଗ୍ ଦେଇକରି କହିଛନ୍, କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଓଡ଼ିଶା ଲାଗି ଦେଢ଼୍ଲାଖ୍ ସୂର୍ଯ୍ୟଘର ଅନୁମୋଦନ୍ କରାଯାଇଛେ । ଇତାର୍ ଜରିଏ ରାଜ୍ୟର୍ ପାଖାପାଖି ୮ ଲାଖ୍ ଲୋକ୍ ଲାଭ୍ ପାଏବେ । ଭାରତ୍ର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ୍କେ ବର୍କସ୍ କର୍ବାର୍ ଦିଗେ ଓଡ଼ିଶାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଷୀ କହିଛନ୍ ।

(ଭଏସ୍ ଓଭର୍- ପ୍ରହ୍ଲାଦ ଯୋଷୀ)

ଇ ସମ୍ମିଲନୀଥି ମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ୍, ହିମାଚଲ୍ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର୍ ସୁଖୁ ଆଉ ଛତିଶ୍ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଭିନ୍ ଭିନ୍ ରାଜ୍ୟର୍ ମନ୍ତ୍ରୀମାନେ ଯୋଗ୍ ଦେଇଛନ୍ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍ ୭ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିନ୍ ଭିନ୍ ବହି ଷ୍ଟଲ୍ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ଅଛନ୍ । ଡିସେମ୍ବର୍ ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମହୋତ୍ସବ୍‌ଥି ୫ ଶହ ୫୦ ଟା ଷ୍ଟଲ୍ କରାଯାଇଛେ । ଇଥି ୨ ଶହ ୫୦ ପ୍ରକାଶକ ଆଉ ବହି ବିକେତ୍ରା ଯୋଗ୍ ଦେଇଛନ୍ ।

ବିଧାନ୍‌ସଭା -ଶୀତ୍ ଅଧିବେଶନ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ଶୀତ୍ ଅଧିବେଶନ୍‌ର ୯ ନମ୍ବର୍ ଦିନେ ଆଏଜ୍ ଗୃହ ସ୍ୱାଭାବିକ୍ ଥିଲା । ପ୍ରଶ୍ନକାଳ ସମିଆଥି ଗୃହ ନ ମହିଳା ଆଉ ଶିଶୁବିକାଶ୍ ବିଭାଗ୍, ମିଶନ୍‌ଶକ୍ତି, ପର୍ଯ୍ୟଟନ୍, ଅବକାରୀ ଆଉ ଆଇନ୍ ବିଭାଗ୍‌ର ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଛେ । ଗୃହ ନ ଆଏଜ୍ ୨ ଟା ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚା ଦାବି ବାବ୍‌ଦେ ଆଲୋଚନା ହେଇଛେ । ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍ ଆଉ ସଂଖ୍ୟାଲଘୁ କଲ୍ୟାଣ୍ ବିଭାଗ୍‌ର ୫ ଶହ ୩୧ କୋଟି ୭୫ ହଜାର୍ ଟଙ୍କା

ଆଉ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ୪ ହଜାର୍ ୩ ଶହ ୨୯ କୋଟି ୪୪ ଲାଖ୍ ୧୨ ହଜାର୍ ଟଙ୍କା ଅତିରିକ୍ତ ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ହେଇଥିଲା ।

ବିଧାନ୍‌ସଭା- ସୁଭଦ୍ରା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ସୁଭଦ୍ରା ଯୋଜ୍‌ନାର୍ ୩ ଟା କିସ୍ତିଥି ଏବ୍‌ତକ୍ ପାଖାପାଖି ୩ କୋଟି ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ଯୁଗେଇ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନ୍‌ସଭା ନ କହିଛନ୍ । ଉପମୁଖ୍ୟମନ୍ତ୍ରୀ କହିଛନ୍, ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ୬ ଲାଖ୍ ୨୩ ହଜାର୍ ୫ ଶହ ୫୫ ଝନ୍ ହିତାଧିକାରୀଙ୍କର୍ ଆବେଦନ୍ ବିଚାରାଧୀନ୍ ରହିଛେ । ଭିନ୍ ଭିନ୍ ମାନଦଣ୍ଡକେ ବିଚାର୍ କରିକରି ଯୋଜ୍‌ନାନୁ ଏବ୍‌ତକ୍ ୧୮ ଲାଖ୍ ୫୦ ହଜାର୍ ୨୫ ଝନ୍ ମହିଲାଙ୍କୁ ବାଦ୍ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ ସମୀକ୍ଷା I&PR

ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍‌ଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍

ନ ଆଏଜ୍ ବିଭାଗ୍ର ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଶ୍ରୀ ନାୟକ୍ ଦାଦନ୍ ପ୍ରବଣ ଇଲାକାମାନ୍କେ ମନରେଗା ଯୋଜ୍ନାର୍ କାର୍ଯ୍ୟକାରିତା, ଶ୍ରମକାର୍ଡ଼ ପଞ୍ଜିକରଣ୍ ତାର୍ ଲାଭ୍ ବଂଟନ୍, ରାଏଜେ ପେଶାର କାର୍ଯ୍ୟାନ୍ୱୟନ୍ ବାବ୍ଦେ ସମୀକ୍ଷା କରିଛନ୍ । ମନରେଗା ଜରିଏ ପହେଲା ଶହେ ଦିନ୍ ଲାଗି ୯୮ ଟଙ୍କା ଆଉ ପଛର୍ ୨ ଶହ ଦିନ୍ ଲାଗି ୩ ଶହ ୭୧ ଟଙ୍କା ଲେଖା ଅଏତ୍କା ସାହାଜ୍ ଦେବାର୍କେ ମନ୍ତ୍ରୀ ଜୋର୍ ଦେଇଛନ୍ । ୨୦୨୭ ମସିହାତକ୍ ସବୁ ଗାଁକେ ସଫା ପିଇବାର୍ ପାଏନ୍ ଯୁଗାବାର୍ କାମ୍ ତୁର୍ତି କର୍ବାର୍କେ ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ନାଏକ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଜୟୀ ରାଜ୍ଗୁରୁ-ଶ୍ରାଦ୍ଧ ଦିବସ I&PR/X

ମହାନ୍ ବିପ୍ଲବୀ ଶହୀଦ୍ ଜୟୀ ରାଜ୍ଗୁରୁଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ୍ ହେଇଯାଇଛେ । ଭୁବ୍ନେଶ୍ୱର୍ ବିଧାନ୍ସଭା ପରିସର୍ ନ ଥିବା ଶହୀଦ୍ ଜୟୀରାଜ୍ଗୁରୁଙ୍କର୍ ପ୍ରତିମୂର୍ତିଥି ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ମନ୍ତ୍ରୀମଣ୍ଡଳ୍ର ସଦସ୍ୟ ଆଉ ବିଧାୟକ୍ମାନେ ଉପସ୍ଥିତ୍ ରହିକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଉ ପାଇକ ବିଦ୍ରୋହର୍ ମୁଖ୍ୟ

ପୁରୋଧା ଜୟୀ ରାଜଗୁରୁଙ୍କୁ ସାମାଜିକ୍ ଗଣମାଧ୍ୟମ୍ ବାର୍ତାଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟୀ ରାଜ୍‌ଗୁରୁଙ୍କର୍ ତ୍ୟାଗ, ସାହସ୍ ଆଉ ମାତୃଭୂମି ଲାଗି ବଳିଦାନ୍ ସବୁବେଳେ ଫି’ ଓଡ଼ିଆଙ୍କୁ ତହଁକାବା ବଲି କହିଛନ୍ । ଜୟୀ ରାଜ୍‌ଗୁରୁଙ୍କର୍ ଜନ୍ମସ୍ଥାନ୍ ପୁରୀ ଜିଲ୍ଲା ବୀର ହରେକୃଷ୍ଣପୁର୍ ନ ତାଙ୍କର୍ ମହାପ୍ରୟାଣ ଦିବସ୍ ପାଲିତ୍ ହେଇଯାଇଛେ ।

ମହାପରିନିର୍ବାଣ ଦିବସ I&PR/NSD

ଭାରତୀୟ ସମ୍ବିଧାନ୍‌ର ମୁଖ୍ୟ କର୍ଣ୍ଣଧାର୍ ଡକ୍ଟର୍ ବି.ଆର୍. ଆମ୍ବେଦ୍‌କରଙ୍କର୍ ୬୯ ତମ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ଆଏଜ୍ ସାରାଦେଶେ ମହାପରିନିର୍ବାଣ ଦିବସ୍ ପାଲନ୍ କରାଯାଉଛେ । ଦେଶ୍ ନିର୍ମାଣ୍‌ଥି ଡକ୍ଟର୍ ଆମ୍ବେଦ୍‌କର୍‌ଙ୍କର୍ ଅବଦାନ୍‌କେ ସୋର୍ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ । ଇ ଅବ୍‌ସରେ ସଂସଦ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଚସ୍ପତି ଓମ୍ ବିର୍ଲା, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ପ୍ରମୁଖ ଯୋଗ୍ ଦେଇକରି ଆମ୍ବେଦ୍‌କର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଡକ୍ଟର୍ ଆମ୍ବେଦ୍‌କର୍‌ଙ୍କର୍ ଦୂରଦର୍ଶୀ ନେତୃତ୍ୱ, ନ୍ୟାୟ, ସମାନତା ଆଉ ସମ୍ବିଧାନ୍

ଲାଗି ଅଟଲ୍ ପ୍ରତିବଦ୍ଧତା ଦେଶର୍ ଯାତ୍ରାକେ ମାର୍ଗଦର୍ଶନ୍ କରିଚାଲିଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରଦ୍ଧାଞ୍ଜଲି ଜନେଇକରି ଆମ୍ବେଦ୍‌କରଙ୍କର୍ ସାମାଜିକ ନ୍ୟାୟ, ସମାନତା ଆଉ ମାନବିକ ମର୍ଯ୍ୟାଦା ଦିଗେ ତାଙ୍କର୍ ଆଦର୍ଶ ଦେଶର୍ ଗଣତନ୍ତ୍ରର୍ ଭିତିଭୂମିକେ ସବୁବେଲେ ମଜ୍‌ବୁତ୍ ରଖିବା ବଲି କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ଜାନୁଆରୀ ମାସ ହେବା । ଇତାର୍ ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ, ଡର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ଡିସେମ୍ବର୍ ୧ ନୁ ଆଏବା ଜାନୁଆରୀ ୧୧ ତାରିଖ୍‌ତକ୍ ମାଇ ଗଭ୍ ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଏମ୍‌ସିକ୍ୟୁ ଆଧାରିତ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯାଉଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେଇପାର୍‌ବେ ।

ପୁରୀ ଶ୍ରୀ ଜଗନ୍ନାଥ୍- ଜମି ଚିହ୍ନଟ୍    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜଗନ୍ନାଥ୍ ମାହାପୁରୁଙ୍କର୍ ୬୦ ହଜାର୍ ୪ ଶହ ୨୬ ଏକଡ଼୍ ଜମି ଚିହ୍ନଟ୍ କରାଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବିଧାନ୍‌ସଭା ନ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ରାଜ୍ୟର୍ ୨୪ ଟା ଜିଲ୍ଲାର୍ ବନ୍ଦୋବସ୍ତ ରେକର୍ଡ଼୍ ଆଧାର୍‌ଥି ଜଗନ୍ନାଥ୍ ମାହାପୁରୁଙ୍କର୍ ଜମି ଚିହ୍ନଟ୍ କରାଯାଇଛେ । ଇଥିର୍‌ଭିତ୍‌ରେ ୩୮ ହଜାର୍ ୬୧ ଏକଡ଼୍ ଜମିର୍ ସଂଶୋଧିତ୍ ସ୍ୱତ୍ୱଲିପି ଶ୍ରୀମନ୍ଦିର୍ ପ୍ରଶାସନ୍ ପାଖେ ଅଛେ । ରାଜ୍ୟ ବାହାରେ ୬ ଟା ରାଜ୍ୟ ନ ଭିଲ୍ ମାହାପୁରୁଙ୍କର୍ ୩ ଶହ ୯୫ ଏକଡ଼୍ ନୁ ଅଏତ୍‌କା ଜମି ରହିଛେ । ଯେନ୍ ଜାଗା ନ ଜମି ମାନେ ଜବର୍‌ଦଖଲ୍‌ଥି ଅଛେ ତାର୍ ବିରୋଧ୍‌ଥି ଏତ୍‌ଲା ଦିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ବନ୍ୟପ୍ରାଣୀ ପରିଷଦ୍ ବୈଠକ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ନ ରାଜ୍ୟ ବନ୍ୟପ୍ରାଣୀ ପରିଷଦ୍ ସ୍ଥାୟୀ କମିଟିର୍ ୧୧ ନମ୍ବର୍ ବୈଠକ୍ ଆଏଜ୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ଅବ୍‌ସରେ ୫ ଟା ପ୍ରକଳ୍ପ ଉପସ୍ଥାପନ୍ କରାଯାଇଥିଲା । ସେଥିର୍‌ଭିତ୍‌ରୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଫୋର୍‌ଜି- ପ୍ରକଳ୍ପ ଥି

ରାଜ୍ୟ ଟେଲି ଯୋଗାଯୋଗ୍ ନାଇଁଥିବା ଗାଁମାନ୍‌କୁ ମୋବାଇଲ୍ ଟାୱାର୍ ଥାପ୍‌ନା ବାବଦ୍ ୪ଟା ପ୍ରସ୍ତାବ୍ ରହିଥିଲା । ଇତାର୍‌ସହେତେ ଭାରତ୍‌ମାଲା ପରିଯୋଜ୍‌ନାଥି ଢେଙ୍କାନାଲ୍ ଜିଲ୍ଲା ଗୋବିନ୍ଦ୍‌ପୁର୍‌ନୁ କଟକ୍ ଜିଲ୍ଲା ଟାଙ୍ଗିତକ୍ ରାସ୍ତା ତିଆରି ବାବ୍‌ଦେ ଗୁଟେ ପ୍ରସ୍ତାବ୍ ଥିଲା ।

## ନୋଡ଼ାଲ୍ ଅଧିକାରୀ ଗସ୍ତ

ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନୋଡ଼ାଲ୍ ଅଧିକାରୀ ଆଉ ରାଜ୍ୟ ବେସାମରିକ୍ ଯୋଗାଣ ନିଗମ୍ ପରିଚାଲନା ନିର୍ଦ୍ଦେଶକ୍ କେ. ସୁଦର୍ଶନ୍ ଚକ୍ରବର୍ତୀ ସୁବର୍ଣ୍ଣପୁର୍ ଆସିକରି ଜିଲ୍ଲା ନ ଚାଲିଥିବା ସର୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ବିଭାଗ୍‌ର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ଶ୍ରୀ ଚକ୍ରବର୍ତୀ ଯୋଜ୍‌ନା ମାନ୍‌କର୍ ପାଣ୍ଠି ବିନିଯୋଗ୍‌ର ଭିଲ୍ ସମୀକ୍ଷା କରିଛନ୍ । ଇ ସମିଆଥି ଜିଲ୍ଲାପାଳ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଗସ୍ତ ସମିଆଥି ନୋଡ଼ାଲ୍ ଅଧିକାରୀ, ସହରେ ଓର୍‌ମାସ୍ ପରିଚାଲିତ୍ ବୁଣାକାର୍ ସାଧାରଣ ସୁବିଧା କେନ୍ଦ୍ର ବୁଲି ଦେଖିବାର୍ ସହେତେ ବୀର୍‌ମହାରାଜ୍‌ପୁର୍ ନିୟନ୍ତ୍ରିତ ବଜାର୍,

ପୁଞ୍ଜାପାଲି ସେବାଶ୍ରମ ବିଦ୍ୟାଲୟ ଆଉ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖିଛନ୍ ।

ଗୃହରକ୍ଷୀ ଥାପ୍‌ନା ଦିବସ୍        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ପୁଲିସ୍ ତର୍‌ଫୁ ୬୩ ନମ୍ବର୍ ଗୃହରକ୍ଷୀ ଥାପ୍‌ନା ଦିବସ୍ ପାଲିତ୍ ହେଇଯାଇଛେ । ଭବାନୀପାଟ୍‌ନା ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରାକୋଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗୃହରକ୍ଷୀ ମାନ୍‌କର୍ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ରାଷ୍ଟ୍ରପତି ଆଉ ରାଜ୍ୟପାଲ୍ ଗୃହରକ୍ଷୀମାନ୍‌କର୍ ଉଦ୍ଦେଶ୍ୟ‌ଥି ଦେଇଥିବା ସମ୍ଭାଷଣ ପାଠ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଆଉ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ବାର୍ତା ଭିଲ୍ ପଢ଼ାଯାଇଥିଲା ।

ପୋଷ୍ୟସନ୍ତାନ ଗ୍ରହଣ ମାସ        ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ନ ପୋଷ୍ୟସନ୍ତାନ ଗ୍ରହଣ ମାସ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆଉ

ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର ସଦସ୍ୟମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପୋଷ୍ୟସନ୍ତାନ ଗ୍ରହଣ ନିୟମାବଳୀ ବାବଦ୍ ଗୁଟେ ସଚେତନତା କର୍ମଶାଳା ହେଇଥିଲା ।

ମାଣବସା ପୂଜା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଲକ୍ଷ୍ମୀଛକ ନ ଲକ୍ଷ୍ମୀଙ୍କର୍ ମାଣବସା ପୂଜା ହେଇଯାଇଛେ । ଇ ଅବ୍‌ସରେ ମା ଲକ୍ଷ୍ମୀଙ୍କର୍ ମୂର୍ତି ପୂଜା କରାଯାଉଛେ । ପୂଜା ଉତ୍‌ରୁ ପତିତପାବନ୍ ମନ୍ଦିର୍ ପରିସର୍ ନ ଥିବା ଲକ୍ଷ୍ମୀମନ୍ଦିର୍ ନ ମା ଲକ୍ଷ୍ମୀଙ୍କର୍ ମୂର୍ତି ଥାପ୍‌ନା କରାଯିବା ।

ପ୍ରଧାନ୍‌ପାଟ୍ ଉତ୍ସବ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାର୍ ପ୍ରଧାନ୍‌ପାଟ୍ ବଡ଼ବଗିଚା ନ ଆଏବା ଜାନୁଆରୀ ୧୮ ନୁ ୨୨ ତାରିଖ୍‌ତକ୍ ପ୍ରଧାନ୍‌ପାଟ୍ ଉତ୍ସବ୍ ଆୟୋଜନ୍ କରାଯିବା । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ୫ ଦିନିଆ ଉତ୍ସବ୍‌ଥି ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, କୃଷି ମେଳା, ଉଦ୍ୟାନ୍ ମେଳା

ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ହେବା । ଉତ୍ସବ୍‌କେ ଶାନ୍ତିଶୃଙ୍ଖଲାର୍ ସହେତେ ପାଲନ୍ କର୍‌ବାର୍‌କେ ବୈଠକ୍‌ଥି ଜିଲ୍ଲାପାଳ୍ ଆହ୍ବାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମିକରି ଶୀତ୍ ବଢ଼ିଛେ । ଆଏବା ୬ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦର୍‌ଗଡ଼୍, କଲାହାଣ୍ଡି, କନ୍ଧମାଲ୍ ଆଉ କୋରାପୁଟ୍ ନ ଆଏବାକାଏଲ୍ ବହଲିଆ କୁହୁଡ଼ି ହେବା । ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।